# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 April - 2026

**********************************

## ମୁଖ୍ୟ ସମ୍ବାଦ

- କଲ୍ପକମ୍ ରିଆକ୍ଟର ଦେଶର ପରମାଣୁ ଶକ୍ତି ଯାତ୍ରାରେ ଐତିହାସିକ ସଫଳତା ହାସଲ କରିଛି; କହିଲେ ପ୍ରଧାନମନ୍ତ୍ରୀ

– ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ କଲେ ଭାବବିନିମୟ

– ୨୦୨୭ ଜନଗଣନା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଦେଲେ ଆହ୍ୱାନ

- ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ଅବସରରେ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଏବଂ

- ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ନେଇ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

# ପ୍ରଧାନମନ୍ତ୍ରୀ- ମନ୍ କି ବାତ୍

ତାମିଲନାଡୁର କଲ୍ପକମ୍‌ରେ ଫାଷ୍ଟ ବ୍ରିଡର ରିଆକ୍ଟର ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ପରମାଣୁ ବୈଜ୍ଞାନିକମାନଙ୍କୁ ପ୍ରଶଂସା କରିଛନ୍ତି । ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମର ୧୩୩ତମ ସଂସ୍କରଣରେ ଆଜି ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ମୋଦୀ କହିଛନ୍ତି, କଲ୍ପକମ୍‌ରେ ପ୍ରଥମ ବ୍ରିଡର ରିଆକ୍ଟର ଦେଶର ପ୍ରଥମ ଆତ୍ମନିର୍ଭରଶୀଳ ପରମାଣୁ ଶୃଙ୍ଖଳର ସଫଳତାକୁ ଦର୍ଶାଉଛି । ଏହା ଭାରତର ପରମାଣୁ ଶକ୍ତି ଯାତ୍ରାରେ ଏକ ଐତିହାସିକ ମାଇଲଖୁଣ୍ଟ । ଏହି ରିଆକ୍ଟର ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାରେ ନିର୍ମିତ ଏବଂ ଭବିଷ୍ୟତରେ ଇନ୍ଧନ ଉତ୍ପାଦନ କରିପାରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**- V/O -**

ପ୍ରଧାନମନ୍ତ୍ରୀ ପବନ ଶକ୍ତି ବିଷୟରେ କହିଛନ୍ତି, ଭାରତର ପବନ ଶକ୍ତି ଉତ୍ପାଦନ କ୍ଷମତା ବର୍ତ୍ତମାନ ୫୬ ଗିଗାୱାଟ୍ ଅତିକ୍ରମ କରିଛି । ଭାରତ ଏ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରିବା ସହ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି । ଏଥିସହ ସେ ବିଦ୍ୟୁତ ସଂରକ୍ଷଣ ଏବଂ ସ୍ୱଚ୍ଛ ଶକ୍ତି ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଦେଶରେ ଚାଲିଥିବା ବିଶ୍ୱର ସର୍ବବୃହତ ଜନଗଣନା ଅଭିଯାନ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୨୭ ଜନଗଣନାକୁ ଡିଜିଟାଲ କରାଯାଇଛି ଏବଂ ସମସ୍ତ ସୂଚନା ଡିଜିଟାଲ ଭାବେ ରେକର୍ଡ କରାଯାଉଛି। ଏଥର ଜନଗଣନାକୁ ସହଜ କରାଯାଇଛି। ଗଣନାକାରୀମାନେ ଘରକୁ ଘର ବୁଲି ମୋବାଇଲ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରୁଛନ୍ତି। ୨୦୨୭ ଜନଗଣନାକୁ ସଫଳ କରିବା ପାଇଁ ପ୍ରଧାନମନ୍ତ୍ରୀ' ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

**- V/O -**

ମଇ ମାସ ପହିଲାରେ ବୁଦ୍ଧ ପୂର୍ଣ୍ଣିମା ପାଳନ କରାଯିବ। ପ୍ରଧାନମନ୍ତ୍ରୀ ଏହି ଅବସରରେ ସମସ୍ତଙ୍କୁ ଶୁଭକାମନା ଜଣାଇ କହିଛନ୍ତି, ଭଗବାନ ବୁଦ୍ଧଙ୍କ ବାର୍ତ୍ତା ଆଜି ମଧ୍ୟ ପ୍ରାସଙ୍ଗିକ ହୋଇ ରହିଛି। ବୈଶ୍ୱିକ ଉତ୍ତେଜନା ପରିପ୍ରେକ୍ଷୀରେ ଭଗବାନ ବୁଦ୍ଧଙ୍କ ବାଣୀ, ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଦେଶର ବିଭିନ୍ନ ସ୍ଥାନରୁ ପ୍ରକୃତି ସଂରକ୍ଷଣର ପ୍ରେରଣାଦାୟୀ କାହାଣୀକୁ ପ୍ରଧାନମନ୍ତ୍ରୀ 'ମନ୍ କି ବାତ'ର ଶ୍ରୋତାମାନଙ୍କ ସହିତ ବାଣ୍ଟିଛନ୍ତି।

ବାଉଁଶ କ୍ଷେତ୍ରରେ ଉତ୍ତର-ପୂର୍ବର ସଫଳତାକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବରୁ ବ୍ରିଟିଶ ଆଇନ ଅନୁଯାୟୀ ବାଉଁଶ ଏକ ଗଛ ଭାବେ ପରିଭାଷିତ ହେଉଥିଲା। ଫଳସ୍ୱରୂପ ଲୋକମାନେ ବାଉଁଶ ସହିତ

ଜଡ଼ିତ ବ୍ୟବସାୟୀରୁ ଦୂରେଇ ଯିବା ଆରମ୍ଭ କରିଥିଲେ। ତାଙ୍କ ସରକାର ୨୦୧୭ରେ ଆଇନ ପରିବର୍ତ୍ତନ କରି ବାଉଁଶକୁ ଗଛ ବର୍ଗରୁ ବାହାର କରିବା ପରେ ଏହି କ୍ଷେତ୍ରରେ ଅଭୂତପୂର୍ବ ଅଗ୍ରଗତି ପରିଲକ୍ଷିତ ହୋଇଛି। ଶ୍ରୀ ମୋଦୀ ଲୋକମାନଙ୍କୁ ଉତ୍ତର-ପୂର୍ବରୁ ଗୋଟିଏ ବାଉଁଶ ଉତ୍ପାଦ କିଣିବାକୁ ଅନୁରୋଧ କରିଛନ୍ତି। ଏହି ପଦକ୍ଷେପ କାରିଗର ଏବଂ ବ୍ୟବସାୟୀଙ୍କୁ ଉତ୍ସାହିତ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ଭାରତୀୟ ଜାତୀୟ ଅଭିଲେଖା ଗାରରେ ୨୦ କୋଟିରୁ ଊର୍ଦ୍ଧ୍ୱ ଅମୂଲ୍ୟ ଦସ୍ତାବିଜ୍‌କୁ ଡିଜିଟାଲାଇଜ୍ କରାଯାଇ ସାର୍ବଜନୀନ କରାଯାଇଛି। ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଭାରତର ଇତିହାସର ଏକ ସୁନ୍ଦର ଅଭିଜ୍ଞତା ପାଇଁ www.abhilekha-patal.in ପରିଦର୍ଶନ କରିବାକୁ ଅନୁରୋଧ କରିଛନ୍ତି। **- V/O -**

ଚଳିତ ମାସ ପ୍ରାରମ୍ଭରେ ଫ୍ରାନ୍ସର ବୋର୍ଡ଼ୋରେ ଅନୁଷ୍ଠିତ ୟୁରୋପୀୟ ବାଳିକା ଗଣିତ ଅଲିମ୍ପିଆଡ୍‌ରେ ଅଂଶଗ୍ରହଣ କରି ଷଷ୍ଠସ୍ଥାନ ଅଧିକାର କରିଥିବା ଭାରତୀୟ ଦଳକୁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

ବ୍ରାଜିଲରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ପନିର ପ୍ରତିଯୋଗିତାରେ ଦୁଇଟି ଭାରତୀୟ ପନିର ବ୍ରାଣ୍ଡ ପୁରସ୍କାର ପାଇଥିବାରୁ ପ୍ରଧାନମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। ଭାରତୀୟ ପନିର ବିଶ୍ୱସ୍ତରରେ ନିଜର ସ୍ୱତନ୍ତ୍ର

ପରିଚୟ ସୃଷ୍ଟି କରିପାରିଛି । ଭାରତର ସ୍ୱାଦ ପରମ୍ପରା ଏବଂ ଗୁଣବତ୍ତା ବିଶ୍ୱବ୍ୟାପୀ ଲୋକଙ୍କୁ ନୂତନ ଅଭିଜ୍ଞତା ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ମଇ ମାସ ୯ ତାରିଖରେ ପୋଚିଶେ ବୈଶାଖ ଅବସରରେ ଗୁରୁଦେବ ରବିନ୍ଦ୍ରନାଥ ଟାଗୋରଙ୍କ ଜନ୍ମବାର୍ଷିକୀ ପାଳନ କରାଯିବ । ଶ୍ରୀ ମୋଦୀ ଏହି ଅବସରରେ ଗୁରୁଦେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଶେଷରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଗ୍ରୀଷ୍ମ ଅବକାଶର ପୂର୍ଣ୍ଣ ଆନନ୍ଦ ନେବା ସହ କିଛି ନୂଆ ଶିଖିବାକୁ ଅନୁରୋଧ କରିଛନ୍ତି । ଏଥିସହ ଗ୍ରୀଷ୍ମ ଋତୁରେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

Ganjam/Desk

## ମୁଖ୍ୟମନ୍ତ୍ରୀ– ପ୍ରତିମୂର୍ତ୍ତି ମାଲ୍ୟାର୍ପଣ

ଓଡ଼ିଶାର ପ୍ରଥମ ମନ୍ତ୍ରିମଣ୍ଡଳର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ତମ ଜୟନ୍ତୀ ଆଜି ରାଜ୍ୟବ୍ୟାପୀ ପାଳନ କରାଯାଉଛି । ୧୮୯୨ ମସିହା ଏପ୍ରିଲ ୨୬ ତାରିଖରେ ପାରଳାଖେମୁଣ୍ଡି ରାଜନଅରରେ ଶ୍ରୀ ନାରାୟଣଦେବ ଜନ୍ମଗ୍ରହଣ କରିଥିଲେ । ୧୯୩୬ ଏପ୍ରିଲ ପହିଲାରେ ଗଠିତ ନୂତନ ଓଡ଼ିଶା ପ୍ରଦେଶର ପ୍ରଥମ ମନ୍ତ୍ରିମଣ୍ଡଳର ପ୍ରଧାନମନ୍ତ୍ରୀ ଭାବେ ସେ ଦାୟିତ୍ୱ

ଗ୍ରହଣ କରିଥିଲେ। ଜୟନ୍ତୀ ପାଳନ ଅବସରରେ ଆଜି କେତେକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଆଜି ସଂଧ୍ୟାରେ ଅନୁଷ୍ଠିତ ହେବ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ଭୁବନେଶ୍ୱରଠାରେ ଥିବା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି।

ସେହିଭଳି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ି  ଏଜି ଛକସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି।

ଗଞ୍ଜାମ ଜିଲ୍ଲାରେ ବିଶିଷ୍ଟ ବ୍ୟକ୍ତିମାନେ ଗିରିମାର୍କେଟ ଛକସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଓଡ଼ିଶା ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।

HS

## ଗଜପତି– ଉପମୁଖ୍ୟମନ୍ତ୍ରୀ ଗସ୍ତ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଗଜପତି ଜିଲ୍ଲାରେ ଥିବା ବୃନ୍ଦାବନ ପ୍ୟାଲେସ ପରିଦର୍ଶନ କରିଛନ୍ତି। ମହେନ୍ଦ୍ର ତନୟ ନଦୀକୂଳରେ ଥିବା ରାଜପ୍ରସାଦ ପାରଳାଖେମୁଣ୍ଡିର ସମୃଦ୍ଧ ଇତିହାସର ସାକ୍ଷୀ ବୋଲି ସେ କହିଛନ୍ତି। ସେଠାରେ ଚାଲିଥିବା ଐତିହ୍ୟ ପୁନରୁଦ୍ଧାର ଏବଂ

ସୌନ୍ଦର୍ଯ୍ୟକରଣ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ବିଷୟରେ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି ।

Desk

## ରଥ ନିର୍ମାଣ କାର୍ଯ୍ୟ

ପୁରୀ ରଥଯାତ୍ରା ପାଇଁ ଶ୍ରୀନଅର ସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି । ତିନିରଥର ମୋଟ୍ ୪୨ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହେବା ପରେ ତୁମ୍ବ ବିନ୍ଧ ପାଇଁ ସୂତା ବାଡ଼ିଆ କାର୍ଯ୍ୟ ଶେଷ ହୋଇଛି । ଆଜି ତୁମ୍ବ ବିନ୍ଧ ଅନୁକୂଳ ପୂଜା ସହ ତୁମ୍ବ ଗୁଡ଼ିକର ବିନ୍ଧ କାର୍ଯ୍ୟ ହେଉଛି ।

kandhamal

## ରଥକାଠ

କନ୍ଧମାଳ ଜିଲ୍ଲାରୁ ପ୍ରଥମଥର ଲାଗି ପୁରୀ ରଥଯାତ୍ରା ପାଇଁ କାଠ ପଠାଯାଇଛି । ବାଲିଗୁଡ଼ା ବନଖଣ୍ଡ କୋଟଗଡ଼ ବନାଞ୍ଚଳରୁ ୪୦ ଫୁଟିଆ ୨୩ ଖଣ୍ଡ ଧଉରାକାଠ  ପଠାଯାଇଛି । ଜିଲ୍ଲାପାଳ ବେଦଭୂଷଣଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ପୂଜାର୍ଚ୍ଚନା ପରେ ସ୍ୱତନ୍ତ୍ର ଗାଡ଼ିରେ ରଥକାଠ ପୁରୀ ରଥଖଳାକୁ ପଠାଯାଇଥିଲା ।

Desk

## ମୂଲ୍ୟାୟନ ରିପୋର୍ଟ ଦାଖଲ

ରାଜ୍ୟ ସରକାରୀ କର୍ମଚାରୀଙ୍କୁ ଆସନ୍ତା ମାସ ୩୧ ତାରିଖ ସୁଦ୍ଧା ନିଜର କାର୍ଯ୍ୟ ଦକ୍ଷତା ମୂଲ୍ୟାୟନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ

ଦିଆଯାଇଛି । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସବୁ ବିଭାଗ ମୁଖ୍ୟଙ୍କୁ ପତ୍ର ଲେଖାଯାଇଛି ।

BHK

## ଶକ୍ତି ସଂରକ୍ଷଣ କର୍ମଶାଳା

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ସଂକ୍ରାନ୍ତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଶକ୍ତି ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

Boudh

## ହାକାଥନ-୩.୦

ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ମନୁଷ୍ୟ ଜୀବନର ସମସ୍ୟା ସମାଧାନର ଲକ୍ଷ୍ୟ ନେଇ ବୌଦ୍ଧଠାରେ ଜିଲ୍ଲାସ୍ତରୀୟ ହାକାଥନ୍-୩.୦ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ପ୍ରଦର୍ଶନୀରେ ୨୪ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।

Boudh

## ଜନଆକ୍ରୋଶ ପଦଯାତ୍ରା

ବୌଦ୍ଧ ଜିଲ୍ଲା ବିଜେପି ପକ୍ଷରୁ ଏକ ମହିଳା ସମାବେଶ ଓ ଜନଆକ୍ରୋଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା ସହରର ଜଗନ୍ନାଥ ମନ୍ଦିରଠାରୁ ବାହାରି ଗାନ୍ଧୀ ଛକ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା ।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରକୋପ ବଳବତ୍ତର ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗ୍ରୀଷ୍ମ ଲହରି ଓ ଗୁଳୁଗୁଳି ବୃଦ୍ଧି ପାଇବା ନେଇ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଗତକାଲି ରାଜ୍ୟର ୧୭ଟି ସହରର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ଉପରେ ରେକର୍ଡ ହୋଇଥିଲା । ସର୍ବାଧିକ ଦିନ ତାପମାତ୍ରା ୪୪ ଦଶମିକ ୧ ଡିଗ୍ରୀ ସେଲସିୟସ ଝାରସୁଗୁଡାଠାରେ ରହିଥିଲା । ମଙ୍ଗଳବାର ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ଜାରି ରହିବା ନେଇ ଆକଳନ କରାଯାଇଛି । ଅନ୍ୟପକ୍ଷରେ ଆଜିଠାରୁ ବିଭିନ୍ନ ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।